**ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଂଯୋଜକ ତଥା ଗୁମୁସର ଜିଲ୍ଲା ପ୍ରଭାରୀ କୃଷ୍ଣଚନ୍ଦ୍ର ବରାଡଙ୍କ ବିୟୋଗରେ**

# ରାଜ୍ୟ ବିଜେପିର ଗଭୀର ଶୋକ

**ଭୁବନେଶ୍ୱର,ତା ୦୪/୧୨ :** ଆଜି ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ତଥା ଗୁମୁସର ଜିଲ୍ଲା ପ୍ରଭାରୀ କୃଷ୍ଣଚନ୍ଦ୍ର ବରାଡ ହୃଦଘାତରେ ପ୍ରାଣ ହରାଇଛନ୍ତି । ତାଙ୍କ ବିୟୋଗରେ ରାଜ୍ୟ ବିଜେପି ସଭାପତି ଶ୍ରୀ ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଗଭୀର ଶୋକ ବ୍ୟକ୍ତ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି । ସ୍ୱର୍ଗତଃ ବରାଡଙ୍କ ବିୟୋଗ ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରୀ ପଣ୍ଡା ଏବଂ ଶ୍ରୀ ସିଂହଦେଓ କହିଛନ୍ତି ।

ଭାପୁରରେ ଜନ୍ମ ହୋଇଥିବା ସ୍ୱର୍ଗତଃ ବରାଡ ରାଜ୍ୟ ବିଜେପିର ଜଣେ ସକ୍ରିୟ ସଦସ୍ୟଭାବେ ବେଶ୍ ଜଣାଶୁଣା ଥିଲେ । ପ୍ରତିରକ୍ଷା ବିଭାଗର ଅଫିସର ଭାବେ ଅବସର ନେବା ପରେ ସ୍ୱର୍ଗତଃ ବରାଡ ରାଜନୈତିକ ମଇଦାନରେ ପାଦ ଦେଇ ୨୦୧୪ ମସିହାରେ ଉତ୍କଳ ଭାରତ ଦଳ ପକ୍ଷରୁ ନୟାଗଡ ଜିଲ୍ଲା ଖଣ୍ଡପଡା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପାର୍ଥୀ ଭାବେ ନିର୍ବାଚନ ଲଢିଥିଲେ । ପରେ ବିଜେପିରେ ସାମିଲ ହୋଇ ସ୍ୱର୍ଗତଃ ବରାଡ ବିଜେପିର ଜଣେ ସକ୍ରିୟ ସଦସ୍ୟ ଭାବେ ଦାୟୀତ୍ୱ ତୁଲାଉଥିଲେ । ତାଙ୍କ ଉଦ୍ୟମରେ ଭାପୁର ଆଂଚଳିକ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ନନ୍ଦନକାନନରୁ କଂଟିଲୋ ନୀଳମାଧବ ଭାୟା ବାଙ୍କୀ ଦେଇ ମେଟ୍ରୋ ଟ୍ରେନ ଚଳାଚଳ କରିବା ନେଇ ସ୍ୱର୍ଗତଃ ବରାଡ ସଂଗ୍ରାମ ଜାରିରଖିଥିଲେ ।

ବିଜେପି ସାଧାରଣ ସଂପାଦକ (ସଙ୍ଗଠନ) ଶ୍ରୀ ମାନସ ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ ପାଣିଗ୍ରାହୀ, କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ଶ୍ରୀ ସୁରଥ ବିଶ୍ୱାଳ, ନୟାଗଡ ଜିଲ୍ଲା ବିଜେପି ସଭାପତି ସନ୍ୟାସ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧାର୍ଥ ଶେଖର ସିଂ ମର୍ଦ୍ଦରାଜ, ଲାଲା ମନୋଜ ରାୟ, ରାଜ୍ୟ କୃଷକ ମୋର୍ଚ୍ଚା ସଂପାଦକ ଶ୍ରୀରଂଜନ ମଙ୍ଗରାଜ, ବିଶ୍ୱଜିତ ସ୍ୱାଇଁ, ସରୋଜ ସାହୁ, ଅଶୋକ ସେଠୀ ପ୍ରମୁଖ ସ୍ୱର୍ଗତଃ ବରାଡଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହ ମରଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

ସ୍ୱର୍ଗତଃ ବରାଡଙ୍କ ବିୟୋଗରେ ଉପସଭାପତି ତଥା ରାଜ୍ୟ କୃଷକ ମୋର୍ଚ୍ଚା ପ୍ରଭାରୀ ଶ୍ରୀ ସମୀର ମହାନ୍ତି, କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଶ୍ରୀ ଶିବାଜୀ ମହାନ୍ତି, କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଶ୍ରୀ ମହେଶ୍ୱର ସାହୁ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**